SAMBAD ସମ୍ବାଦ
est circulated odia daily




Home | Con

ପରାଜୟରୁ କ୍ରୋଧ; ହୋଟେଲ ରୁମ୍‌ରେ ପାକ୍ କୋଚ୍‌ଙ୍କ ମୃତ୍ୟୁ; ଧର୍ଷିତାଙ୍କୁ ଡାକ୍ତରଖାନାରୁ ଅପହରଣ, କାର୍ଯ୍ୟାନୁଷ୍ଠାନ ବଦଳରେ ପୁଲିସ କହୁଛି-ମହିଳା 'ବ୍ୟାଡ୍ କ

ତାରିଖ : ୧୯/୩/୨୦୦୭

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

Bhubaneswar Balasore Katak Brahmapur Jeypore Sambalpur Anugul Rourkela

Yellow pages | Orissa info | Ayurveda | Glamour Orissa | Public news reporting
Real-estate | Bidese odia | Vastu & Horoscope | Matrimonials | Calendar
Exam result | Art & craft | Eminent Personality | Jobs | News Archive

ମୁଖ୍ୟ ପୃଷ୍ଠା
ମୁଖ୍ୟ ଖବର
ଅନ୍ୟାନ୍ୟ ଖବର
କ୍ରୀଡ଼ା ଖବର
ଜାତୀୟ ଖବର
ଅନ୍ତର୍ଜାତୀୟ ଖବର
ମହାନଗର ଖବର
ରବିବାର ସମ୍ବାଦ
ବିଜ୍ଞାପନ
ସଂପାଦକୀୟ
ସାକ୍ଷାତକାର
ଆମ ସଂପର୍କରେ
କଟାକ୍ଷ
ସଂସ୍କରଣ ଅଭିଲେଖ

ସ୍ୱାଭିମାନ ପାଇଁ ଆନ୍ଦୋଳନ ଜୋର୍‌ଦାର୍ ହେବ---

## ସ୍ୱାଭିମାନ ପାଇଁ ଆନ୍ଦୋଳନ ଜୋର୍‌ଦାର୍ ହେବ

ଭୁବନେଶ୍ୱର (ଇମିସ): ଓଡ଼ିଶା ପ୍ରତି କେନ୍ଦ୍ର ସରକାର ପୁଣି ଅବହେଳା ପ୍ରଦର୍ଶନ କରିଛନ୍ତି । ୨୦୦୬ ମସିହା ଅଗଷ୍ଟ ୨୯ ତାରିଖରେ କେନ୍ଦ୍ର ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଓଡ଼ିଶାରେ ଦୁଇଟି ଆଇଆଇଟି ପ୍ରତିଷ୍ଠା ପାଇଁ ଏକାଦଶ ପଞ୍ଚବାର୍ଷିକୀ ଯୋଜନାରେ ବ୍ୟବସ୍ଥା ଅଛି ବୋଲି ଘୋଷଣା କରିଥିଲେ । ଦୁର୍ଭାଗ୍ୟର ବିଷୟ ଗତ ଡିସେମ୍ବର ପାଞ୍ଚ ତାରିଖରେ କେନ୍ଦ୍ର ମାନବ ସମ୍ବଳ ବିଭାଗ ପକ୍ଷରୁ ଘୋଷଣା କରାଗଲା ଯେ ବିହାର, ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶରେ ତିନିଟି ଆଇଆଇଟି ପ୍ରତିଷ୍ଠା ହେବ । ସେଥିରେ ଓଡ଼ିଶାରେ ନାଁ ରହିଲା ନାହିଁ । ଓଡ଼ିଶାର ସ୍ୱାଭିମାନ ପାଇଁ ଆଇଆଇଟି ପରି କେନ୍ଦ୍ରୀୟ ଅନୁଷ୍ଠାନ ପ୍ରତିଷ୍ଠା ଦାବିରେ ଓଡ଼ିଆମାନଙ୍କ ଆନ୍ଦୋଳନ ଭୁବନେଶ୍ୱରରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଚାଲିବ ବୋଲି ବୁଦ୍ଧିଜୀବୀ ଓ ଛାତ୍ରମାନେ ଚେତାବନୀ ଦେଇଛନ୍ତି ।

ଓଡ଼ିଶାରେ ଆଇଆଇଟି/ଆଇଆଇଇଏସ୍‌ଟି ଓ ଅନ୍ୟାନ୍ୟ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଦାବିରେ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରିବା ପାଇଁ 'ଆଗାମୀ ଓଡ଼ିଶା' ପକ୍ଷରୁ ଏକ ନାଗରିକ ସମାବେଶ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଗ୍ୟାଲେରିରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ବୁଦ୍ଧିଜୀବୀ, ସମାଜସେବୀ, ରାଜନେତା ଓ ଛାତ୍ର ଯୋଗ ଦେଇଥିଲେ । ସମସ୍ତେ ମତ ଦେଇଥିଲେ ଯେ ଓଡ଼ିଶା ଏକ ଗରିବ ରାଜ୍ୟ । ଏହାର ଏକ ତୃତୀୟାଂଶ ଲୋକ ଅନୁସୂଚିତ ଜନଜାତିର । କିନ୍ତୁ ଶିକ୍ଷିତ ଓଡ଼ିଆମାନେ ଦେଶବିଦେଶରେ ନିଜ ଜ୍ଞାନ ଗାରିମା ତଥା ବୁଦ୍ଧି ଯୋଗୁଁ ବେଶ୍ ପ୍ରଶଂସିତ ହୋଇଛନ୍ତି । ଶିକ୍ଷାର ବିକାଶ ହେଲେ ରାଜ୍ୟର ବିକାଶ ସମ୍ଭବ ହେବ । ଆହୁରି ମଧ୍ୟ ଗତ କିଛି ବର୍ଷ ହେବ ଓଡ଼ିଶାରେ ଖଣିଭିତ୍ତିକ, ପେଟ୍ରୋଲିୟମ ଓ ରସାୟନିକ ଶକ୍ତି, ବନ୍ଦର ତଥା ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଏସବୁ ଆଇଆଇଟି/ଆଇଆଇଇଏସ୍‌ଟିର ବୈଷୟିକ ଜ୍ଞାନକୌଶଳ ତଥା ଗବେଷଣାତ୍ମକ ଆବିଷ୍କାରରୁ ଲାଭ ପାଇବେ । ତେଣୁ ଏହି ରାଜ୍ୟରେ କେନ୍ଦ୍ରୀୟ ଅନୁଷ୍ଠାନଗୁଡ଼ିକର ନିହାତି ଆବଶ୍ୟକତା ରହିଛି । ଏଥି ପାଇଁ ବାରମ୍ବାର ଓଡ଼ିଶା ସରକାର କେନ୍ଦ୍ର ନିକଟରେ ଦାବି କରିଛନ୍ତି । ଏହା ସତ୍ତ୍ୱେ କେନ୍ଦ୍ର ମାନବ ସମ୍ବଳ ବିଭାଗ କ୍ରମାଗତ ଅବହେଳା ପ୍ରଦର୍ଶନ କରିଆସୁଛନ୍ତି । ଗୋଟିଏ ଏନ୍‌ଆଇଟି ବ୍ୟତୀତ ଓଡ଼ିଶାରେ ଆଉ କିଛି ନାହିଁ । ସଭାରେ ଆହୁରି ଅଭିଯୋଗ ହୋଇଥିଲା ଯେ ନିକଟ ଭବିଷ୍ୟତରେ କେନ୍ଦ୍ର ମାନବ ସମ୍ବଳ ବିକାଶ ବିଭାଗ ଅନେକ ଅନୁଷ୍ଠାନ ଥିବା ସତ୍ତ୍ୱେ ଆନ୍ଧ୍ର, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ଦୁଇଟି ଇଞ୍ଜିନିୟରିଂ କଲେଜକୁ ଆଇଆଇଏସ୍‌ଟି ଘୋଷଣା କରିବାକୁ ଯାଉଥିବା ବେଳେ ଓଡ଼ିଶାରେ ବୁର୍ଲା ଇଞ୍ଜିନିୟରିଂ କଲେଜ ୫୦ ବର୍ଷର ପୁରୁଣା ହୋଇଥିଲେ ମଧ୍ୟ ଏହାକୁ ବିଚାରକୁ ନିଆ ନ ଯିବା ଦୁର୍ଭାଗ୍ୟର ବିଷୟ । କେନ୍ଦ୍ରର ଏପରି ଅବହେଳାକୁ ମଥାପାତି ସହି ନ ଯାଇ ଏହାକୁ ଜୋର୍‌ଦାର୍ ବିରୋଧ କରିବାକୁ ମତ ପ୍ରକାଶ ପାଇଥିଲା । ଆବଶ୍ୟକ ପଡ଼ିଲେ ନୂଆଦିଲ୍ଲୀରେ ମଧ୍ୟ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଡି.କେ. ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଆଗାମୀ

ଚନ୍ଦ୍ରିକା

Click here for
WEB ADVERTISEMENT
TARIFF
CLICK

Non-Resident Oriyas
Please Register yourself in our Newsletter.















ବିତର୍କ/ମତାମତ ସଂଗ୍ରହ

**Poll ID 0 does not exist.**

**News letter**

**Newsletter Signup**

Name*

Email*

Subscribe

Unsubscribe

ଓଡ଼ିଶାର ସଂପାଦକ ଡ. ସନ୍ତୋଷ ତ୍ରିପାଠୀ, ଇଂ ଲଳିତ ପଟ୍ଟନାୟକ, ସୁଦର୍ଶନ ଦାସ, ଜଗାଦନନ୍ଦ, ସହଦେବ ସାହୁ, ଅଜିତ ଦାସ, ଜଗଦୀଶ ମହାନ୍ତି, ପଞ୍ଚାନନ କାନୁନ୍‌ଗୋ, ବୈଜୟନ୍ତ ପଣ୍ଡା, ଅରୁଣ ସାହୁ, ନମିତା ପଟ୍ଟନାୟକ, ପ୍ରଣବ ପ୍ରକାଶ ସାହୁ ଓ ପ୍ରଶାନ୍ତ ସାମନ୍ତରାୟ ପ୍ରମୁଖ ଭାଗ ନେଇଥିଲେ ।

## ମୂଖ୍ୟଖବର

- ଅହମ୍ମଦାବାଦରେ କ୍ଷୁବ୍ଧ କ୍ରିକେଟପ୍ରେମୀ ଦ୍ରାବିଡ଼ଙ୍କ କୁଶ ପୁତ୍ତଳିକା ପୋଡୁଛନ୍ତି; ହୋଟେଲ ରୁମ୍‌ରେ ପାକ୍ କୋଚ୍ ବବ୍ ଉଲ୍‌ମରଙ୍କ ମୃତ୍ୟୁ
- ପରାଜୟରୁ କ୍ରୋଧ
- ହୋଟେଲ ରୁମ୍‌ରେ ପାକ୍ କୋଚ୍‌ଙ୍କ ମୃତ୍ୟୁ
- ସୂର୍ଯ୍ୟୋପରାଗ ଆଜି
- ଇଂଲଣ୍ଡର ପ୍ରଥମ ବିଜୟ
- ଧର୍ଷିତାଙ୍କୁ ଡାକ୍ତରଖାନାରୁ ଅପହରଣ, କାର୍ଯ୍ୟାନୁଷ୍ଠାନ ବଦଳରେ ପୁଲିସ କହୁଛି- ମହିଳା ‘ବ୍ୟାଡ୍ କ୍ୟାରେକ୍ଟର’
- ଅଜିତ୍ ଯୋଗୀ ଗିରଫ
- ଆଉ ୪ଜଣଙ୍କ ଆଖି ତାଡ଼ି ନିଆଯାଇଛି!
- ପୋସ୍କୋ ଇଲାକାରୁ ଢିଙ୍କିଆ ବାଦ ପଡ଼ିବ
- କେନ୍ଦ୍ର ଶୁଣୁନି: କିରୋସିନ୍, ଗହମ କୋଟା କମି ଚାଲିଛି
- ଚଳିତ ବର୍ଷ ରାଜ୍ୟର ୧୦୦୦ କିମି ଜାତୀୟ ରାଜପଥର ବିକାଶ କରାଯିବ
- ସାମ୍ବା ସେକ୍ଟରରେ ଓଡିଆ ଯବାନ ସହିଦ୍
- ଲାଞ୍ଚ ଅଭିଯୋଗରେ କୋରେଇ ଥାନା ଅଧିକାରୀ ଗିରଫ
- ଜନ ମାନସରେ ବଳି: ପ୍ରାୟଶ୍ଚିତ କଲେ ଗ୍ରାମବାସୀ
- ୭ଜଣଙ୍କୁ ଘୁଙ୍ଗୁର ସମ୍ମାନ







### କଟାକ୍ଷ



ଆୟରଲାଣ୍ଡିଆ କରିଲେ
ନାଣ୍ଡିଆ ପାକିସ୍ତାନ ଗଲା ନାଶ
ବାଙ୍ଗଲାଠୁ ହାରି ଇଣ୍ଡିଆ
ଭାଣ୍ଡିଆ ବାଘ କାମ୍ଫୁଡ଼ିଲା
ଘାସ..... ‘‘ଛୋଟ ସାପ- ବଡ଼
ବିଷ’’..... ‘ବରମୁଣ୍ଡା’
ସାଙ୍ଗେ ଖେଳିବାକୁ ଏବେ
ଟିଇମି ଇଣ୍ଡିଆ ଆସ.....

Make your attractive website with domain name booking and web space only @ **INR 3995**/- * for further information contact in

*Powered by* EML in Association with Modulesoft
Copyright © 2006 orissasambad.com. This Site is Best Viewed by : Internet Explorer in 1024 * 768